SAMAY

ଆଇଆଇଟି ସମାବର୍ତ୍ତନ ଉତ୍ସବ ଆଜି

# ଯୋଗଦେବେ ଇସ୍ରୋ ଅଧ୍ୟକ୍ଷ ଡ଼ଃ ଶିବନ୍



ଜଟଣୀ, ୨୦।୯ (ସବ୍ୟୁ) : ଭୁବନେଶ୍ୱର ଆଇଆଇଟିର ଅଷ୍ଟମ ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଶନିବାର ହେବାକୁ ଥିବା ଏହି ସମାବର୍ତ୍ତନ ଉତ୍ସବରେ ଇସ୍ରୋ ଅଧ୍ୟକ୍ଷ ବୈଜ୍ଞାନିକ ପ୍ରଫେସର କେ. ଶିବନ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଦିକ୍ଷାନ୍ତ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଏହି ସୂଚନା ଦେଇଛନ୍ତି । ଏହି ଅବସରରେ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଯୋଗ୍ୟ ଡିଗ୍ରୀଧାରୀଙ୍କୁ ସମ୍ମାନିତ କରାଯିବ।